# NATIONAL NEWS BULLETIN (ODIA)

**8 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ଯଶୋଭୂମିଠାରେ ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୫ର ନବମ ସଂସ୍କରଣକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

- ଦୁଇଦିନିଆ ଗସ୍ତରେ ଆସି ଭାରତରେ ପହଞ୍ଚିଲେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍

- ଜୈବ ବର୍ଜ୍ୟରୁ ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଲକ୍ଷ୍ୟରେ ପଞ୍ଜାବ ଶକ୍ତି ବିକାଶ ଏଜେନ୍ସୀ ଓ ଭାରତୀୟ ବିଜ୍ଞାନ ସଂସ୍ଥାନ ସହ ବୁଝାମଣାପତ୍ର ସ୍ୱାକ୍ଷର

ଏବଂ

- ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ଉପରାଷ୍ଟ୍ରପତି

## ଜିଏସ୍‌ଟି ରିଫର୍ମସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଜି.ଏସ୍.ଟି. ବଚତ୍ ଉତ୍ସବ ଗତମାସ ୨୨ ତାରିଖରୁ ଦେଶ ବ୍ୟାପି କାର୍ଯ୍ୟକାରୀ ହୋଇଛି । ଆଗାମୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଉଦ୍ଦେଶ୍ୟରେ ଲାଗୁ କରାଯାଇଥିବା ଏହି ବ୍ୟବସ୍ଥା ଦ୍ୱାରା ଉପଭୋକ୍ତାଙ୍କ ନିକଟରେ ଏହାର ଲାଭ ସିଧାସଳଖ ପହଞ୍ଚିବ । ଏହି ପରିପ୍ରେକ୍ଷୀରେ ଜି.ଏସ୍.ଟି. ସଂସ୍କାର

ମାଧ୍ୟମରେ ଉତ୍ତରପ୍ରଦେଶର ଅର୍ଥ ବ୍ୟବସ୍ଥାକୁ କିପରି ପ୍ରୋତ୍ସାହନ ମିଳିବ ସେ ସମ୍ପର୍କରେ ଏକ ରିପୋର୍ଟ –

ନୂତନ ଜିଏସଟି ସଂସ୍କାର ଉତ୍ତର ପ୍ରଦେଶର କାରିଗର, କୃଷକ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଏକ ବଡ଼ ପ୍ରୋତ୍ସାହନ । ସଂଶୋଧିତ ଦର ଅନୁଯାୟୀ ରାଜ୍ୟର ଅନେକ ସାମଗ୍ରୀ  ଉପରେ ଟିକସ ହ୍ରାସ ହୋଇଛି, ଯାହା ସେଗୁଡ଼ିକୁ ଅଧିକ ସୁଲଭ କରିବା ସହ ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାନ ଯୋଗାଇବ । ଏହି ସଂସ୍କାର ରାଜ୍ୟର ପାରମ୍ପରିକ କ୍ଷେତ୍ର ପାଇଁ ବିଶେଷ ଗୁରୁତ୍ୱ ବହନ କରେ । ଏହା ଭାଦୋନୀ କାର୍ପେଟ୍‌ସ, ମରୋଦାବାଦ ପିତ୍ତଳ ବାସନ ଏବଂ ଶାହରନପୁର କାଠଶିଳ୍ପ ଭଳି ପ୍ରତିଷ୍ଠିତ କ୍ଲଷ୍ଟରକୁ ଶସ୍ତା କରିବ ଏବଂ ହଜାର ହଜାର କାରିଗରଙ୍କ ଜୀବିକା ନିର୍ବାହ କରି ରପ୍ତାନୀକୁ ପ୍ରୋତ୍ସାହନ ଦେବ ।

୧ ନିୟୁତରୁ ଅଧିକ ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବା କାନପୁର ଏବଂ ଆଗ୍ରାର ଜୋତା ଶିଳ୍ପ ମଧ୍ୟ ୨ ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସାମଗ୍ରୀ ଉପରେ ହ୍ରାସ ହୋଇଥିବା ଜିଏସଟିରୁ ଉପକୃତ ହେବେ । ଏହା ଦ୍ୱାରା କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ପ୍ରତିଦ୍ୱନ୍ଦିତାକୁ ବୃଦ୍ଧି କରିବ । ଲକ୍ଷ୍ନୌ ଚିକନକାରୀ ଏବଂ ବାରଣାସୀ ଜର୍ଦୋଜି ଭଳି ପାରମ୍ପରିକ ଏମ୍ବ୍ରୋଡରୀ କାର୍ଯ୍ୟ ଏବେ କ୍ରେତାମାନଙ୍କ ପାଇଁ ଅଧିକ ସୁଲଭ ହେବ । ଏହାଦ୍ୱାରା ଏହି ହସ୍ତଶିଳ୍ପ ଉପରେ ନିର୍ଭର କରୁଥିବା ହଜାର ହଜାର କୁଶଳୀ କାରିଗର ଆଶ୍ୱସ୍ତି ଲାଭ କରିବେ ।

ସେହିପରି କାଚ ସାମଗ୍ରୀ, ସିରାମିକ୍ ଏବଂ ଟେରାକୋଟା ପାଇଁ ପ୍ରସିଦ୍ଧ ଫିରୋଜାବାଦ, ଖୁର୍‌ଜା, ଗୋରଖପୁର ଏବଂ ଆଜମଗଡ଼ ଆଦି

ଅଞ୍ଚଳ ଗୁଡ଼ିକ ହସ୍ତଶିଳ୍ପ ସାମଗ୍ରୀ ଉପରେ  ଜିଏସଟି ହାର ୫ ପ୍ରତିଶତ ଯୋଗୁଁ ନୂତନ ଚାହିଦା ଅନୁଭବ କରିବେ । ମିରଠ, ବାରଣାସୀ ଓ ଚିତ୍ରକୋଟ ଭଳି ଜିଲ୍ଲାରେ ପାରମ୍ପରିକ ଖେଳଣା, ହସ୍ତନିର୍ମିତ କାଗଜ ଏବଂ ପରିବେଶ ଅନୁକୂଳ ଷ୍ଟେସନାରୀ ସାମଗ୍ରୀ ଗୁଡ଼ିକ ଶସ୍ତା ହେବା ସହ ସ୍ଥାନୀୟ ଶିଳ୍ପଗୁଡ଼ିକର ମଧ୍ୟ ଅଭିବୃଦ୍ଧି ହେବ । ଏପରିକି ଆଗ୍ରା ପିଠା ଭଳି ଲୋକପ୍ରିୟ ସୁସ୍ୱାଦୁ ଖାଦ୍ୟ ଏବେ ୫ ପ୍ରତିଶତ ଜିଏସଟି ସ୍ଲାବରେ ମିଳିବ, ଯାହା ଛୋଟ ମିଠା ତିଆରି ୟୁନିଟ୍‌କୁ ସମର୍ଥନ କରିବା ସହ ଉତ୍ପାଦ ଗୁଡ଼ିକୁ ଶସ୍ତା କରାଇବ ।

ଏହି ସଂସ୍କାର ଦ୍ୱାରା ଶିଳ୍ପ ସମୂହ ମଧ୍ୟ ଲାଭାନ୍ୱିତ ହେବେ । ସିମେଣ୍ଟ ଉପରେ ଜିଏସଟି ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଥିବାରୁ ନିର୍ମାଣ ଏବଂ ଭିତ୍ତିଭୂମି ଖର୍ଚ୍ଚ ହ୍ରାସ ପାଇବ ଏବଂ ସମଗ୍ର ରାଜ୍ୟରେ ଉତ୍ପାଦନକୁ ପ୍ରୋତ୍ସାହିତ କରିବ । ଏହା ବ୍ୟତୀତ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ହେବା ଦ୍ୱାରା ଉତ୍ତର ପ୍ରଦେଶରେ କ୍ରୀଡ଼ା ସାମଗ୍ରୀ ୫ରୁ ୭ ପ୍ରତିଶତ ଶସ୍ତା ହେବ ବୋଲି ଆଶା କରାଯାଉଛି । ଏହା ଦ୍ୱାରା ଘରୋଇ ବଜାରରେ ଚାହିଦା ବୃଦ୍ଧି ହେବା ସହ ରପ୍ତାନୀ ପ୍ରତିଦ୍ୱନ୍ଦିତାରେ ସୁଧାର ଆସିବ ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ନିଯୁକ୍ତି ସ୍ଥିରତା ବଜାୟ ରହିବ ।

ସାମଗ୍ରୀ ଉପରେ ସଂଶୋଧିତ ଦର ସହିତ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଗ୍ରାହକଙ୍କ ପାଇଁ ଉତ୍ପାଦକୁ ଅଧିକ ସୁଲଭ କରିବା ଏବଂ କାରିଗରଙ୍କ ଆୟରେ ଉନ୍ନତି ଆଣିବାକୁ ଚେଷ୍ଟା କରୁଛି । ଏହି ସଂସ୍କାରଗୁଡ଼ିକ ବିକ୍ରୟକୁ ତ୍ୱରାନ୍ୱିତ କରିବା

ସହ ରୋଜଗାରକୁ ସୁରକ୍ଷିତ ରଖିବ ଏବଂ ପାର୍ବଣ ସମୟ ଓ ପରବର୍ତ୍ତୀ ଗ୍ରାମୀଣ ତଥା ଶିଳ୍ପ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପରିକଳ୍ପନା କରାଯାଇଛି ।

## ୟୁକେ-ପିଏମ୍ ଭିଜିଟ୍

ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ଦୁଇଦିନିଆ ଭାରତ ଗସ୍ତରେ ଆସି ଆଜି ପହଞ୍ଚିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଉଭୟ ରାଷ୍ଟ୍ରର ଏକ ଶକ୍ତିଶାଳୀ ଏବଂ ପାରସ୍ପରିକ ସମୃଦ୍ଧ ଭବିଷ୍ୟତ ପାଇଁ ସହଭାଗୀ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ନିମନ୍ତେ ଆସନ୍ତାକାଲି ହେବାକୁଥିବା ବୈଠକକୁ ସେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଷ୍ଟାରମର୍‌ଙ୍କ ସହିତ ବ୍ରିଟେନ୍‌ର ସର୍ବବୃହତ ବାଣିଜ୍ୟିକ ପ୍ରତିନିଧି ଦଳ ମଧ୍ୟ ଆସିଛନ୍ତି । ଆସନ୍ତାକାଲି ମୁମ୍ବାଇର ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ୍ ର ଷଷ୍ଠ ସଂସ୍କରଣରେ ଉଭୟ ନେତା ଯୋଗଦେବେ । ଶ୍ରୀ ଷ୍ଟାର୍ମର୍‌ଙ୍କର ଏହା ହେଉଛି ସରକାରୀ ଭାବେ ପ୍ରଥମ ଭାରତ ଗସ୍ତ ।

ଏ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବ୍ରିଟେନ୍ ପ୍ରତିପକ୍ଷଙ୍କ ସହିତ ଭିଜନ୍ ୨୦୩୫କୁ ସାକାର କରିବା ଉଦ୍ଦେଶ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଭାରତ-ବ୍ରିଟେନ୍ ସମନ୍ୱିତ ରଣନୈତିକ ଭାଗିଦାରୀର ଅଗ୍ରଗତି ସମ୍ପର୍କରେ ଆସନ୍ତାକାଲି ମୁମ୍ବାଇ ଠାରେ ସମୀକ୍ଷା କରିବେ ।

ବାଣିଜ୍ୟ ଓ ପୁଞ୍ଜିନିବେଶ, ବୈଷୟିକ ଜ୍ଞାନକୌଶଳ ଓ ନବସୃଜନତା, ପ୍ରତିରକ୍ଷା ଓ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଓ ଶକ୍ତି,

ସ୍ୱାସ୍ଥ୍ୟ, ଶିକ୍ଷା ଓ ଜନସମ୍ପର୍କ ଭଳି ମୌଳିକ କ୍ଷେତ୍ରରେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି ଆସନ୍ତା ୧୦ ବର୍ଷ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ । ଏହାଛଡ଼ା ଭାରତ-ବ୍ରିଟେନ୍ ସମନ୍ୱିତ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ଅଧୀନରେ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉଭୟ ପ୍ରଧାନମନ୍ତ୍ରୀ ଅଗ୍ରଣୀ ବ୍ୟାବସାୟିକ ତଥା ଶିକ୍ଷାନୁଷ୍ଠାନର ପ୍ରତିନିଧିଙ୍କ ସହ କଥାବାର୍ତ୍ତା କରିବାର କାର୍ଯ୍ୟସୂଚୀ ରହିଛି ।

## ପଞ୍ଜାବ-ଗ୍ରୀନ୍ ହାଇଡ୍ରୋଜେନ୍

ପଞ୍ଜାବ ଶକ୍ତି ବିକାଶ ଏଜେନ୍ସି ଭାରତୀୟ ବିଜ୍ଞାନ ସଂସ୍ଥାନ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଜୈବ ବର୍ଜ୍ୟରୁ ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ପାଇଁ ଏକ ଅଗ୍ରଣୀ ପାଇଲଟ ପ୍ରଦର୍ଶନ ପ୍ରକଳ୍ପ ପ୍ରତିଷ୍ଠା ଏହି ବୁଝାମଣାର ମୁଖ୍ୟ ଲକ୍ଷ୍ୟ ରହିଛି । ଏହି ପ୍ରକଳ୍ପ ଧାନର ନଡ଼ା ପୋଡ଼ିବାର ମୁକାବିଲା କରିବା ସହ ବାୟୁର ଗୁଣବତ୍ତାରେ ଉନ୍ନତି ଆଣିବ ଏବଂ କୃଷକମାନଙ୍କ ପାଇଁ ନୂତନ ଆୟର ମାର୍ଗ ସୃଷ୍ଟିକରି ସବୁଜ ଶକ୍ତି କ୍ଷେତ୍ରରେ ନିଯୁକ୍ତି ଓ ଗ୍ରାମୀଣ ଅର୍ଥନୀତିକୁ ପ୍ରୋତ୍ସାହିତ କରିବ ।

---

## ଜିଏସ୍‌ଟି ରିଫର୍ମସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଜି.ଏସ୍.ଟି. ବଚତ୍ ଉତ୍ସବ ଗତମାସ ୨୨ ତାରିଖରୁ ଦେଶ ବ୍ୟାପି କାର୍ଯ୍ୟକାରୀ ହୋଇଛି । ଆଗାମୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଉଦ୍ଦେଶ୍ୟରେ ଲାଗୁ କରାଯାଇଥିବା ଏହି ବ୍ୟବସ୍ଥା ଦ୍ୱାରା ଉପଭୋକ୍ତାଙ୍କ ନିକଟରେ ଏହାର ଲାଭ ସିଧାସଳଖ ପହଞ୍ଚିବ । ଏହି ପରିପ୍ରେକ୍ଷୀରେ ଜି.ଏସ୍.ଟି. ସଂସ୍କାର

ମାଧ୍ୟମରେ ଉତ୍ତରପ୍ରଦେଶର ଅର୍ଥ ବ୍ୟବସ୍ଥାକୁ କିପରି ପ୍ରୋତ୍ସାହନ ମିଳିବ ସେ ସମ୍ପର୍କରେ ଏକ ରିପୋର୍ଟ –

ନୂତନ ଜିଏସଟି ସଂସ୍କାର ଉତ୍ତର ପ୍ରଦେଶର କାରିଗର, କୃଷକ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଏକ ବଡ଼ ପ୍ରୋତ୍ସାହନ । ସଂଶୋଧିତ ଦର ଅନୁଯାୟୀ ରାଜ୍ୟର ଅନେକ ସାମଗ୍ରୀ  ଉପରେ ଟିକସ ହ୍ରାସ ହୋଇଛି, ଯାହା ସେଗୁଡ଼ିକୁ ଅଧିକ ସୁଲଭ କରିବା ସହ ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାନ ଯୋଗାଇବ । ଏହି ସଂସ୍କାର ରାଜ୍ୟର ପାରମ୍ପରିକ କ୍ଷେତ୍ର ପାଇଁ ବିଶେଷ ଗୁରୁତ୍ୱ ବହନ କରେ । ଏହା ଭାଦୋନୀ କାର୍ପେଟ୍‌ସ, ମରୋଦାବାଦ ପିତ୍ତଳ ବାସନ ଏବଂ ଶାହରନପୁର କାଠଶିଳ୍ପ ଭଳି ପ୍ରତିଷ୍ଠିତ କ୍ଲଷ୍ଟରକୁ ଶସ୍ତା କରିବ ଏବଂ ହଜାର ହଜାର କାରିଗରଙ୍କ ଜୀବିକା ନିର୍ବାହ କରି ରପ୍ତାନୀକୁ ପ୍ରୋତ୍ସାହନ ଦେବ ।

୧ ନିୟୁତରୁ ଅଧିକ ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବା କାନପୁର ଏବଂ ଆଗ୍ରାର ଜୋତା ଶିଳ୍ପ ମଧ୍ୟ ୨ ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସାମଗ୍ରୀ ଉପରେ ହ୍ରାସ ହୋଇଥିବା ଜିଏସଟିରୁ ଉପକୃତ ହେବେ । ଏହା ଦ୍ୱାରା କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ପ୍ରତିଦ୍ୱନ୍ଦିତାକୁ ବୃଦ୍ଧି କରିବ । ଲକ୍ଷ୍ନୌ ଚିକନକାରୀ ଏବଂ ବାରଣାସୀ ଜର୍ଦୋଜି ଭଳି ପାରମ୍ପରିକ ଏମ୍ବ୍ରୋଡରୀ କାର୍ଯ୍ୟ ଏବେ କ୍ରେତାମାନଙ୍କ ପାଇଁ ଅଧିକ ସୁଲଭ ହେବ । ଏହାଦ୍ୱାରା ଏହି ହସ୍ତଶିଳ୍ପ ଉପରେ ନିର୍ଭର କରୁଥିବା ହଜାର ହଜାର କୁଶଳୀ କାରିଗର ଆଶ୍ୱସ୍ତି ଲାଭ କରିବେ ।

ସେହିପରି କାଚ ସାମଗ୍ରୀ, ସିରାମିକ୍ ଏବଂ ଟେରାକୋଟା ପାଇଁ ପ୍ରସିଦ୍ଧ ଫିରୋଜାବାଦ, ଖୁର୍‌ଜା, ଗୋରଖପୁର ଏବଂ ଆଜମଗଡ଼ ଆଦି

ଅଞ୍ଚଳ ଗୁଡ଼ିକ ହସ୍ତଶିଳ୍ପ ସାମଗ୍ରୀ ଉପରେ  ଜିଏସଟି ହାର ୫ ପ୍ରତିଶତ ଯୋଗୁଁ ନୂତନ ଚାହିଦା ଅନୁଭବ କରିବେ । ମିରଠ, ବାରଣାସୀ ଓ ଚିତ୍ରକୋଟ ଭଳି ଜିଲ୍ଲାରେ ପାରମ୍ପରିକ ଖେଳଣା, ହସ୍ତନିର୍ମିତ କାଗଜ ଏବଂ ପରିବେଶ ଅନୁକୂଳ ଷ୍ଟେସନାରୀ ସାମଗ୍ରୀ ଗୁଡ଼ିକ ଶସ୍ତା ହେବା ସହ ସ୍ଥାନୀୟ ଶିଳ୍ପଗୁଡ଼ିକର ମଧ୍ୟ ଅଭିବୃଦ୍ଧି ହେବ । ଏପରିକି ଆଗ୍ରା ପିଠା ଭଳି ଲୋକପ୍ରିୟ ସୁସ୍ୱାଦୁ ଖାଦ୍ୟ ଏବେ ୫ ପ୍ରତିଶତ ଜିଏସଟି ସ୍ଲାବରେ ମିଳିବ, ଯାହା ଛୋଟ ମିଠା ତିଆରି ୟୁନିଟ୍‌କୁ ସମର୍ଥନ କରିବା ସହ ଉତ୍ପାଦ ଗୁଡ଼ିକୁ ଶସ୍ତା କରାଇବ ।

ଏହି ସଂସ୍କାର ଦ୍ୱାରା ଶିଳ୍ପ ସମୂହ ମଧ୍ୟ ଲାଭାନ୍ୱିତ ହେବେ । ସିମେଣ୍ଟ ଉପରେ ଜିଏସଟି ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଥିବାରୁ ନିର୍ମାଣ ଏବଂ ଭିତ୍ତିଭୂମି ଖର୍ଚ୍ଚ ହ୍ରାସ ପାଇବ ଏବଂ ସମଗ୍ର ରାଜ୍ୟରେ ଉତ୍ପାଦନକୁ ପ୍ରୋତ୍ସାହିତ କରିବ । ଏହା ବ୍ୟତୀତ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ହେବା ଦ୍ୱାରା ଉତ୍ତର ପ୍ରଦେଶରେ କ୍ରୀଡ଼ା ସାମଗ୍ରୀ ୫ରୁ ୭ ପ୍ରତିଶତ ଶସ୍ତା ହେବ ବୋଲି ଆଶା କରାଯାଉଛି । ଏହା ଦ୍ୱାରା ଘରୋଇ ବଜାରରେ ଚାହିଦା ବୃଦ୍ଧି ହେବା ସହ ରପ୍ତାନୀ ପ୍ରତିଦ୍ୱନ୍ଦିତାରେ ସୁଧାର ଆସିବ ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ନିଯୁକ୍ତି ସ୍ଥିରତା ବଜାୟ ରହିବ ।

ସାମଗ୍ରୀ ଉପରେ ସଂଶୋଧିତ ଦର ସହିତ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଗ୍ରାହକଙ୍କ ପାଇଁ ଉତ୍ପାଦକୁ ଅଧିକ ସୁଲଭ କରିବା ଏବଂ କାରିଗରଙ୍କ ଆୟରେ ଉନ୍ନତି ଆଣିବାକୁ ଚେଷ୍ଟା କରୁଛି । ଏହି ସଂସ୍କାରଗୁଡ଼ିକ ବିକ୍ରୟକୁ ତ୍ୱରାନ୍ୱିତ କରିବା

ସହ ରୋଜଗାରକୁ ସୁରକ୍ଷିତ ରଖିବ ଏବଂ ପାର୍ବଣ ସମୟ ଓ ପରବର୍ତ୍ତୀ ଗ୍ରାମୀଣ ତଥା ଶିଳ୍ପ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପରିକଳ୍ପନା କରାଯାଇଛି ।

ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ଭିପି-ଜୟପ୍ରକାଶ

ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପୁଣ୍ୟତିଥିରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି' ଜୟପ୍ରକାଶ ନାରାୟଣଙ୍କୁ ଜଣେ ଦୂରଦୃଷ୍ଟିସଂପନ୍ନ ନେତା ଭାବେ ଅଭିହିତ କରିଛନ୍ତି । ସେ କହିଛନ୍ତି, ଗଣତନ୍ତ୍ର ଏବଂ ନ୍ୟାୟ ପାଇଁ ନିଜର ସମଗ୍ର ଜୀବନ ଉତ୍ସର୍ଗ କରି ଜୟପ୍ରକାଶ ଦେଶର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସଚ୍ଚୋଟତା ତଥା ଜନଶକ୍ତିକରଣର ଜଣେ ଦୃଢ଼ ସମର୍ଥକ ଭାବେ ସେ ଉଭା ହୋଇଥିଲେ ।

ଜରୁରୀକାଳୀନ ପରିସ୍ଥିତି ସମୟରେ ସେ ଏକଛତ୍ରବାଦ ବିରୁଦ୍ଧରେ ଏକ ଐତିହାସିକ ଜନଆନ୍ଦୋଳନର ନେତୃତ୍ୱ ନେଇ ଗଣତନ୍ତ୍ର, ନାଗରିକ ସ୍ୱାଧୀନତା ଏବଂ ସାମ୍ବିଧାନିକ ମୂଲ୍ୟବୋଧ ରକ୍ଷା କରିବା ପାଇଁ ଲୋକଙ୍କୁ ନିରନ୍ତର ପ୍ରେରଣା ଯୋଗାଇଥିଲେ । ନୂଆଦିଲ୍ଲୀର ସମ୍ବିଧାନ ସଦନରେ ଶ୍ରଦ୍ଧାସୁମନ ଅର୍ପଣ କରି ଜୟପ୍ରକାଶଙ୍କ ଚିନ୍ତାଧାରା ଦେଶକୁ ମାର୍ଗଦର୍ଶନ ଜାରି ରଖିବ ବୋଲି ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଆଶା ପ୍ରକାଶ କରିଛନ୍ତି ।

## ଇସି ବିହାର-ଏମ୍‌ସିସି

ନିର୍ବାଚନ ଆୟୋଗ ବିହାରରେ ୮୨୪ଟି ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ନିୟୋଜିତ କରିଛନ୍ତି । ଏହା ଦ୍ୱାରା ମାତ୍ର ୧୦୦ ମିନିଟ୍ ମଧ୍ୟରେ ନିର୍ବାଚନ ସଂପର୍କିତ

ଅଭିଯୋଗ ଗୁଡ଼ିକର ଶୀଘ୍ର ସମାଧାନ ହୋଇପାରିବ । ଏକ କଲ୍ ସେଣ୍ଟର ନମ୍ବର 1950 ସହିତ ଅଭିଯୋଗ ମନିଟରିଂ ସିଷ୍ଟମ୍ ମଧ୍ୟ ସ୍ଥାପନ କରାଯାଇଛି । ଏଥିରେ ଜନସାଧାରଣ କିମ୍ବା ରାଜନୀତିକ ଦଳ ଅଭିଯୋଗ ଦାଖଲ କରିପାରିବେ ।

ବିହାର ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧିର କଠୋର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଆୟୋଗ ଆଜି ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି । କୌଣସି ରାଜନୈତିକ ଦଳ ଦ୍ୱାରା ସରକାରୀ ଏବଂ ଘରୋଇ ସମ୍ପତ୍ତିକୁ ବିକୃତ କରିବା ଏବଂ ସରକାରୀ ଯାନ କିମ୍ବା ସରକାରୀ ଆବାସସ୍ଥଳୀର ଅପବ୍ୟବହାର ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆୟୋଗ ନିର୍ବାଚନ ପରିଚାଳନା ସହିତ ଜଡ଼ିତ ସମସ୍ତ ଅଧିକାରୀଙ୍କ ବଦଳି ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇଛନ୍ତି । ବିହାର ବିଧାନସଭାର ୨୪୩ ଆସନ ପାଇଁ ଆସନ୍ତା ମାସ ୬ ତାରିଖ ଓ ୧୧ ତାରିଖ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ । ନଭେମ୍ବର ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।**ଇସି ବିହାର-ଏମ୍‌ସିସି**

ନିର୍ବାଚନ ଆୟୋଗ ବିହାରରେ ୮୨୪ଟି ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ନିୟୋଜିତ କରିଛନ୍ତି । ଏହା ଦ୍ୱାରା ମାତ୍ର ୧୦୦ ମିନିଟ୍ ମଧ୍ୟରେ ନିର୍ବାଚନ ସଂପର୍କିତ ଅଭିଯୋଗ ଗୁଡ଼ିକର ଶୀଘ୍ର ସମାଧାନ ହୋଇପାରିବ । ଏକ କଲ୍ ସେଣ୍ଟର ନମ୍ବର 1950 ସହିତ ଅଭିଯୋଗ ମନିଟରିଂ ସିଷ୍ଟମ୍ ମଧ୍ୟ ସ୍ଥାପନ

କରାଯାଇଛି । ଏଥିରେ ଜନସାଧାରଣ କିମ୍ବା ରାଜନୀତିକ ଦଳ ଅଭିଯୋଗ ଦାଖଲ କରିପାରିବେ ।

ବିହାର ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧିର କଠୋର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଆୟୋଗ ଆଜି ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି । କୌଣସି ରାଜନୈତିକ ଦଳ ଦ୍ୱାରା ସରକାରୀ ଏବଂ ଘରୋଇ ସମ୍ପତ୍ତିକୁ ବିକୃତ କରିବା ଏବଂ ସରକାରୀ ଯାନ କିମ୍ବା ସରକାରୀ ଆବାସସ୍ଥଳୀର ଅପବ୍ୟବହାର ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆୟୋଗ ନିର୍ବାଚନ ପରିଚାଳନା ସହିତ ଜଡ଼ିତ ସମସ୍ତ ଅଧିକାରୀଙ୍କ ବଦଳି ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇଛନ୍ତି । ବିହାର ବିଧାନସଭାର ୨୪୩ ଆସନ ପାଇଁ ଆସନ୍ତା ମାସ ୬ ତାରିଖ ଓ ୧୧ ତାରିଖ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ । ନଭେମ୍ବର ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।